# Akashvani, Sambalpur

# SAMBALPURI NEWS BULLETIN

## 27 January 2025- 6.47- 6.52 am.

********************************************

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଳନୀଥି ଯୋଗ୍ ଦେବାର୍ ଲାଗି ଆଏବାକାଏଲ୍ ଭୁବନେଶ୍ୱର ଆସ୍‌ବେ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ଆଏବା କାଏଲ୍ ଆଉ ପର୍‌ଦିନ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ୍‌କେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବେ । ଇ ବାବ୍‌ଦେ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍, କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହଭାଗିତାଥି ଆଏବା ଦିନେ ଓଡ଼ିଶା ଭାରତ୍ ମାନଚିତ୍ରଥି ଶିଳ୍ପର କେନ୍ଦ୍ରସ୍ଥଳୀ ହେବା । ସମ୍ମିଳନୀଥି ରାଏଜେ ପାଖାପାଖି ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲକ୍ଷ୍ୟ ରଖାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ସୂଚନା ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଦେଶ୍ ଆର୍ ବିଦେଶ୍‌ନୁ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ୭ ହଜାର୍ ୫ ଶହ

ନୁ ଅଏତ୍‌କା ଶିଳ୍ପ ପ୍ରତିନିଧି ଆର୍ ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେବେ । ସମ୍ମିଲନୀର ୩ ଟା ଅଧିବେଶନ୍‌ଥି ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କର୍ ଭିତ୍‌ରେ ଆଲୋଚନା କରାଯିବା । ୨ ଦିନିଆ ସମ୍ମିଲନୀ ଉତ୍‌ରୁ ଆଏବା ୩୦ ତାରିଖ୍ ସାଧାରଣ ଲୁକ୍‌କର୍ ଲାଗି ପ୍ରଦର୍ଶନୀ ଖୁଲା ରହେବା ବଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

## ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ସଙ୍ଗୀତ କାର୍ଯ୍ୟକ୍ରମ ଭାରତୀୟମ୍ I&PR

ଆମର ଦେଶ୍ ଆର୍ ତାର୍ ସଂସ୍କୃତି ଫି ଭାରତୀୟମାନଙ୍କର୍ ଲାଗି ଗର୍ବ ଆର୍ ଗୌରବ୍‌ର ବିଷୟ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ କହିଛନ୍ । ୭୬ ନମ୍ବର ସାଧାରଣତନ୍ତ୍ର ଦିବସ୍ ଅବ୍ସରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ୍ଠାନେ ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତରଫୁ ହେଇଥିବା ଦେଶାତ୍ମବୋଧକ୍ ସଙ୍ଗୀତ୍ କାର୍ଯ୍ୟକ୍ରମ୍ ଭାରତୀୟମ୍ଥି ମୁଖ୍ୟମନ୍ତ୍ରୀ ଗଲାକାଏଲ୍ ଯୋଗ୍ ଦେଇକରି କହିଛନ୍, ସ୍ୱାଧୀନତାର ୫୦ ବଛର୍ ତକ୍ ଆମର୍ ଦେଶର୍ କଲାକାର୍ମାନ୍କୁ ଉଚିତ୍ ସମ୍ମାନ ଦିଆ ନାଇଯାଇ ଥାଇ । କଲାକାରମାନଙ୍କୁ ସମ୍ମାନ୍ ଦେବାର୍ ପ୍ରକ୍ରିୟା ୧୯୯୮ ମସିହାଥି ପହେଲା ଥର୍ ଲାଗି ଗାୟିକା ଏମ୍.ଏସ୍. ଶୁଭଲକ୍ଷ୍ମୀଙ୍କୁ ଭାରତ୍ ରତ୍ନ ଦିଆଯିବାର୍ ସହେତେ ମୁଲ୍ ହେଇଥିଲା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ବହୁତ୍ କଲାକାରମାନଙ୍କୁ ସମ୍ବର୍ଦ୍ଧିତ୍ କରିଛନ୍ ।

ଅତିଥିଙ୍କର୍ ସଙ୍ଗେ ଅଶ୍ୱିନୀ ବୈଷ୍ଣବଙ୍କର୍ ଆଲୋଚନା- ପିଆଇବି

ନୂଆଦିଲ୍ଲୀଠାନେ ହେଇଥିବା ୭୬ ନମ୍ବର ସାଧାରଣତନ୍ତ୍ର ଦିବସ୍ଥି ଯୋଗ୍ ଦେଇଥିବା ଖାସ୍ ଅତିଥିମାନଙ୍କର ସଙ୍ଗେ ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଛନ୍ । ଆକାଶବାଣୀ ଭବନ୍ଠାନେ ଅତିଥି ମାନ୍ଙ୍କର ସଙ୍ଗେ ଭାବ୍ବିନିମୟ କରି କରି ଶ୍ରୀ ବୈଷ୍ଣବ କହିଛନ୍, ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦି ଇ ବିଶିଷ୍ଟ ଅତିଥିମାନଙ୍କର ସମାଜ୍ ଲାଗି ଅବଦାନ୍ ବାବ୍‌ଦେ ତାଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମ୍‌ଥି ଉଲ୍ଲେଖ୍ କରିଛନ୍ ।

ଭିଏସ୍‌ଏସ୍ କୋଠା ଉଦ୍‌ଘାଟନ୍      ସୁବର୍ଣ୍ଣପୁର ସମ୍ବାଦଦାତା

ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୁବର୍ଣ୍ଣପୁର ଜିଲ୍ଲା କଲାପଥର ଗ୍ରାମପଂଚାୟତ ବାବୁପାଲି ଆଉ ମଧୁପୁରଠାନେ ଦୁଇଟା ଭିଏସ୍‌ଏସ୍ କୁଠା ଉଦ୍‌ଘାଟନ୍ କରିଛନ୍ । ଇତାର୍ ସହେତେ ମନ୍ତ୍ରୀ ଶ୍ରୀ ନାଏକ ୬ଟା ବ୍ଲକ୍‌ର ୯୩ଟା ନୂଆ ଅମୃତ ସରୋବର୍ ଲାଗି ନିହି ରଖିଛନ୍ ।

ରକ୍ତଦାନ ଶିବିର-        ନୂଆପଡ଼ା ସମ୍ବାଦଦାତା

ଗଣତନ୍ତ୍ର ଦିବସ୍ ଅବ୍‌ସରେ ଗଲାକାଏଲ ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର୍‌ନ ଗୁଟେ ରକ୍ତଦାନ ଶିବିର ହେଇଯାଇଛେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଶିବିର୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଇ ମହାନ୍‌ଦାନ୍ ଲାଗି ବହୁତ୍ ଲୁକଙ୍କର୍ ଜୀବନ୍ ବଂଚେଇ ହଉଛେ ବଲି କହିଛନ୍ । ଇ ଅବ୍‌ସରେ

ଜିଲ୍ଲାପାଳ , ଏସ୍.ପି., ବନଖଣ୍ଡ ଅଧିକାରୀ ପ୍ରମୁଖ କୁନୁଆ ଭାବେ ଯୋଗ୍ ଦେଇଥିଲେ ।
ଇତାର୍ ଛଡ଼ା ମନ୍ତ୍ରୀ ଶ୍ରୀ ସୂରଜ୍ ଜିଲ୍ଲାନ ନୂଆ ସଂସ୍କୃତି ଭବନ୍ ବନାବାର୍ ଲାଗି ହେଇଥିବା ଭିତିପ୍ରସ୍ତର ଥାପ୍ନା କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଥିଲେ ।

ଭାରତମାତା ମନ୍ଦିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବନପାଲିଠାନେ ଥିବା ଐତିହାସିକ୍ ଭାରତମାତା ମନ୍ଦିର୍ନ ସାଧାରଣତନ୍ତ୍ର ଦିବସ୍ ସମାରୋହ ପାଳିତ୍ ହେଇଯାଇଛେ । ଦେଶେ ବିରଲ୍ ଇ ଭାରତ୍ ମାତା ମନ୍ଦିରକେ ସ୍ୱାଧୀନତା ଆଘୋନୁ ବୀର୍ ସଂଗ୍ରାମୀମାନେ ଥାପ୍ନା କରିଥିଲେ । ଆଏଜ୍ଭିଲ୍ ଗାଁର୍ ଲୁକେ ଫି ଦିନ ମନ୍ଦିର୍ ପୂଜାପାଠ୍ କରି କରି ଦେଶ୍ ଭକ୍ତିର୍ ଗୁଟେ ଭିନେ ଉଦାହରଣ ସାଜିଛନ୍ ।

କଳାହାଣ୍ଡି ଜାତୀୟ ବାଳିକା ଦିବସ ହି.ସ.

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସରକାରୀ ବାଳିକା ବିଦ୍ୟାଳୟଠାନେ ସମଗ୍ର ଶିକ୍ଷା ଜିଲ୍ଲା ଶାଖା ତରଫୁ ଜିଲ୍ଲା ସ୍ତରୀୟ

ଜାତୀୟ ବାଳିକା ଦିବସ-୨୦୨୫ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ମୁଖିଆ କୁନୁଆ ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ ହେଇଥିଲା ଆର୍ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ବିନୋଦ ସ୍ମାରକୀ ଫୁଟ୍‌ବଲ ହି.ସ.

ବଲାଙ୍ଗୀର ସହରର ଢୁଲୁସର ଖେଲ୍ ପଡ଼ିଆଠାନେ ଗଲାକାଏଲ୍ ୨ ନମ୍ବର ବିନୋଦ ସ୍ମାରକୀ ପୁଟ୍‌ବଲ୍ ଟୁର୍ନାମେଂଟ ମୁଲ୍ ହେଇଛେ । ଉଦ୍‌ଘାଟନୀ ମେଚ୍‌ଥି ଜିଓ୍ୱାଇଡିସି ନକ୍‌ଟାସର୍ ଦଲ୍ ୩-୦ ଗୋଲ୍‌ଥି ଏନ୍‌ଏସ୍ ସ୍ପୋର୍ଟିଙ୍ଗ୍ ବଲାଙ୍ଗୀର ଦଲ୍‌କେ ହରେଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ଫାଇନାଲ୍ ମେଚ୍‌ଥି ଗଲାକାଏଲ୍ ଓଡ଼ିଶା ଓ୍ୱାରିୟର୍ସ ଦଲ୍ ସୁର୍‌ମା ହକି କ୍ଲବ୍‌କେ ୨-୧ ଗୋଲ୍‌ଥି ହରେଇକରି ଟାଇଟଲ୍‌ର ହକ୍‌ଦାର୍ ହେଇଛେ ।

ଆଏଜ୍ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଠାନେ ବେଲ୍‌ବୁଡ଼ର ୬ ବଜେ ପୁରୁଷ ବର୍ଗର ମେଚ୍‌ଥି ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ଖେଲ୍ ହେବା । ସେନ୍ତା ରାତି ୮ ବାଜିକରି ୧୫ ମିନିଟ୍‌ଥି ସୁର୍‌ମା ହକି କ୍ଲବ୍ ଆଉ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଭିତ୍‌ରେ ମେଚ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩/୪ ଦିନ୍‌ତକ୍ ପାଗ୍ ଏନ୍ତା ଶୁଖା ରହେବା । ଆଏବା କାଏଲ୍ ସଖାଲ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ କୁହୁଡ଼ି ଦେଖାଯିବା । ୧୧ ଟା ଜିଲ୍ଲା ନ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।